ସୁପ୍ରିୟା ବାସୁ ଏବଂ ଅନ୍ୟମାନେ

ବନାମ

ପଶ୍ଚିମ ବଙ୍ଗ ଆବାସ ପରିଷଦ ଏବଂ ଅନ୍ୟମାନେ

ଅଗଷ୍ଟ 5,2005

[ ଅରିଜିତ ପଶାୟତ ଏବଂ ଏଚ୍. କେ. ସେମା, ନ୍ୟାୟମୂର୍ତ୍ତିଦ୍ୱୟ ]

*ପଶ୍ଚିମବଙ୍ଗ ସମବାୟ ସମିତି ଅଧିନିୟମ 1983; ଏହା ଅଧୀନରେ ପ୍ରସ୍ତୁତ ହୋଇଥିବା ନିୟମ/ଉପ-ନିୟମ :*

*ସମବାୟ ଆବାସ ସମିତି-ଯାନ ରଖିବା ସ୍ଥାନ-ବର୍ଗ ଏ କିମ୍ବା ବର୍ଗ ବି ଆବାସଧାରୀଙ୍କୁ ଆବଣ୍ଟନ-- ଆପତ୍ତି କରି - ନିର୍ଣ୍ଣୟ ନେଲେ : ସମିତି ଏକ ରାଜ୍ୟ ବିଭାଗ ନୁହେଁ କିମ୍ବା କୌଣସି ଆଇନର ସୃଷ୍ଟି ନୁହେଁ- ଏହା ବିରୁଦ୍ଧରେ ଆଜ୍ଞାଦେଶ ଆବେଦନ ଗ୍ରହଣଯୋଗ୍ୟ ନୁହେଁ-ଯେହେତୁ ମାଲିକାନା ନିଜେ ବିବାଦରେ ଅଛି, ଏକ ପକ୍ଷ ମାଲିକାନା ଆଧାରରେ ଏହାର ମୌଳିକ ଅଧିକାରର ଉଲ୍ଲଙ୍ଘନ ବିଷୟରେ ଅଭିଯୋଗ କରିପାରିବେ ନାହିଁ-ଏହା ଏକ ଆଜ୍ଞାଦେଶ ଆବେଦନରେ ଏହିପରି ପ୍ରସଙ୍ଗଗୁଡ଼ିକର ମୁକାବିଲା କରିବା ଉଚିତ୍ତ ନୁହେଁ।*

**ଏହି ଆବେଦନରେ ବିଚାର ପାଇଁ ଯେଉଁ ପ୍ରଶ୍ନମାନ ଉଠିଥିଲା ତାହା ଥିଲା ଯେ କ'ଣ ସମବାୟ ଆବାସ ସମିତି ଦ୍ୱାରା ମୋଟରର ଯାନ ରଖିବା ସ୍ଥାନକୁ ଏ ଏବଂ ବି ବର୍ଗ କିମ୍ବା କେବଳ ବି ବର୍ଗର ଆବାସଧାରୀଙ୍କୁ ବିକ୍ରି କରାଯାଇପାରିବ କି ଏବଂ ସମିତିଟି ଏହାର ସଦସ୍ୟମାନଙ୍କର ଅଧିକାର ବିଷୟରେ ସମିତିଟିର ବାର୍ଷିକ ସାଧାରଣ ବୈଠକରେ ଆଲୋଚନା କରିପାରିବ କି?**

**ଏହି ଆବେଦନକୁ ଖାରଜ କରି ନ୍ୟାୟାଳୟ**

ନିର୍ଣ୍ଣୟ ନେଲେ :**1.1.**ଏହି ସମିତି ନିର୍ବିବାଦ ଭାବେ ରାଜ୍ୟର ଏକ ବିଭାଗ ନୁହେଁ ଏବଂ ଏହା ଏକ ଆଇନର ସୃଷ୍ଟ ମଧ୍ୟ ନୁହେଁ, ବରଂ କେବଳ ଏକ ଆଇନ ଦ୍ୱାରା ପରିଚାଳିତ । କେବଳ ଯଦି ଏହା ପ୍ରମାଣିତ ହୁଏ ଯେ ଏକ ଆଇନର ବାଧ୍ୟତାମୂଳକ ବ୍ୟବସ୍ଥା ଉଲ୍ଲଂଘନ କରାଯାଇଛି, ତେବେ ଏକ ଆଜ୍ଞାଦେଶ ଆବେଦନ ଗ୍ରହଣଯୋଗ୍ୟ ହୋଇପାରିବ ।

**1.2.** କୌଣସି ପକ୍ଷ ସମ୍ପତ୍ତି ଧାରଣ କରିବାର ତାଙ୍କର ମୌଳିକ ଅଧିକାରର ଉଲ୍ଲଂଘନ ଅଭିଯୋଗ କରିବା ପୂର୍ବରୁ, ତାଙ୍କୁ ନିଶ୍ଚିତ କରିବାକୁ ପଡିବ ଯେ ତାଙ୍କର ସେହି ସମ୍ପତ୍ତି ଉପରେ ମାଲିକାନା ଅଛି ଏବଂ ଯଦି ତାଙ୍କର ମାଲିକାନା ନିଜେ ବିବାଦରେ ଅଛି ଏବଂ ଆଇନଗତ ଭାବରେ ଗଠିତ କାର୍ଯ୍ୟପନ୍ଥାରେ ବିଚାରର ବିଷୟ, ତେବେ ସେ ମାଲିକାନା ଉପରେ ଆଧାରିତ କୌଣସି ଦାବି ଉପସ୍ଥାପନ କରିପାରିବେ ନାହିଁ, ଯେପର୍ଯ୍ୟନ୍ତ ସେହି ତଦନ୍ତର ଫଳାଫଳ ସ୍ୱରୂପ ସେ ତାଙ୍କର ଅଧିକାର ପ୍ରତିଷ୍ଠା କରିବାରେ ସକ୍ଷମ ନହୁଅନ୍ତି । ଏହା ପରେ ହିଁ ପ୍ରଶ୍ନ ଉଠିପାରେ ଯେ ସେହି ସମ୍ପତ୍ତିରେ କିମ୍ବା ସେହି ସମ୍ପତ୍ତିର ଅଧିକାର ଅନୁଚିତ ଭାବରେ କିମ୍ବା ବେଆଇନ ଭାବରେ ଉଲ୍ଲଂଘନ ହୋଇଛି କି ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ବିବାଦ, ସାଧାରଣ ମୋଟର ଯାନ ରଖିବା ସ୍ଥାନ ସମ୍ବନ୍ଧରେ ଘରୋଇ ବ୍ୟକ୍ତିବିଶେଷଙ୍କ ଦୁଇଟି ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀର ଦାବି ସହିତ ଜଡିତ । ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତି କେତେକ ନିର୍ଦ୍ଦେଶ ଦେଇଥିଲେ, ଯାହା ବିକ୍ରୟ ଦସ୍ତାବିଜର ବୈଧତା ଉପରେ ମଧ୍ୟ ସ୍ପର୍ଶ କରିଥିଲା । ଏହାକୁ ଏକ ଆଜ୍ଞାଦେଶ ଆବେଦନରେ ବିଚାର କରିବା ପାଇଁ ଉନ୍ମୁକ୍ତ ନଥିଲା ।

*ୟୁ. ପି. ରାଜ୍ୟ ସମବାୟ ଜମି ବିକାଶ ବ୍ୟାଙ୍କ ଲିମିଟେଡ ବନାମଚନ୍ଦ୍ର ଭାନ ଦୁବେ ଏବଂ ଅନ୍ୟମାନେ,* ଏ ଆଇ ଆର **(1999)** ଏସ୍. ସି. **753** ଉପରେ ନିର୍ଭର କରିଥିଲେ ।

**1.3. ଆଜ୍ଞାଦେଶ ଆବେଦନକାରୀମାନେ ବାର୍ଷିକ ସାଧାରଣ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ସମିତିର ନିର୍ଣ୍ଣୟ ଉପରେ ପ୍ରଶ୍ନ ଉଠାଇ ପାରି ନଥିଲେ । ସମିତି  ଏକ ସାଧାରଣ ବୈଠକ ଡାକିବାକୁ ଏବଂ ଅଧିକାର ସମ୍ବନ୍ଧୀୟ ପ୍ରତିଦ୍ୱନ୍ଦ୍ୱୀ ଦାବି ବିଷୟରେ ଆଲୋଚନା କରିବାକୁ ସ୍ୱାଧୀନ ଅଟେ । ଏହା ସ୍ପଷ୍ଟ କରାଯାଇଛି ଯେ ଏହି ପ୍ରସଙ୍ଗରେ କୌଣସି ମତାମତ ପ୍ରକାଶ କରାଯାଇ ନାହିଁ।**

ଦେୱାନୀ ଆବେଦନ ଅଧିକାରିତା : 2002ର ଦେୱାନୀ ଆବେଦନ ସଂଖ୍ୟା 1766।

1999ର ଏମ୍. ଏ. ଟି. ସଂଖ୍ୟା 1488 ସହିତ 1999ର ସି. ଓ. ଟି. ସଂଖ୍ୟା 3005ରେ କଲିକତା ଉଚ୍ଚ ନ୍ୟାୟାଳୟର 24.4.2000 ତାରିଖର ରାୟ ଏବଂ ଆଦେଶରୁ।

ଆବେଦନକାରୀଙ୍କ ପାଇଁ ଏସ୍. ବି. ସାନ୍ୟାଲ, ଧ୍ରୁବ ଅଗ୍ରୱାଲ ଏବଂ  ପ୍ରବୀଣ କୁମାର।

ଉତ୍ତରଦାତାମାନଙ୍କ ପାଇଁ ରାଜୁ ରାମଚନ୍ଦ୍ରନ, ପାର୍ଥପ୍ରତିମ ଚୌଧୁରୀ, ସୌରଭ ସୁମନ ସିହ୍ନା, ଇ. ଆଦିତ୍ୟ ଶର୍ମା ଏବଂ  କେ. ଏସ୍. ରାଣା ଏବଂ  ଅଭିଜିତ୍ ଭଟ୍ଟାଚାର୍ଯ୍ୟ।

ନ୍ୟାୟାଳୟର ରାୟ **ନ୍ୟାୟମୂର୍ତ୍ତି ଅରିଜିତ ପଶାୟତ**ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। : ଆବେଦନକାରୀମାନେ କଲିକତା ଉଚ୍ଚ ନ୍ୟାୟାଳୟର ଏକ ଖଣ୍ଡପୀଠ ଦ୍ୱାରା ଦିଆଯାଇଥିବା ରାୟର ସଠିକତା ଉପରେ ପ୍ରଶ୍ନ ଉଠାଇଛନ୍ତି ଯେ ସେମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନ ଗ୍ରହଣଯୋଗ୍ୟ ନୁହେଁ। ତଦନୁସାରେ, ଏହା ବିଦ୍ୱାନ ଏକକ ରାୟପତିଙ୍କ ରାୟକୁ ବାତିଲ କରିଦେଇଥିଲା ଯିଏ ଆଜ୍ଞାଦେଶ ଆବେଦନକୁ ଗ୍ରହଣ କରିଥିଲେ ଏବଂ  କିଛି ନିର୍ଦ୍ଦେଶ ଦେଇଥିଲେ।

ଏହି ବିବାଦ 156 ଟି ମୋଟର ଯାନ ରଖିବା ସ୍ଥାନର ଆବଣ୍ଟନ ସହ ଜଡ଼ିତ ଥିଲା । ବି-ବର୍ଗ ଆବାସ ଦଖଲ କରୁଥିବା ଆବେଦନକାରୀମାନେ ଏହି ଆଭିମୁଖ୍ୟ ଗ୍ରହଣ

କରିଥିଲେ ଯେ ମୋଟର ଯାନ ରହିବା ସ୍ଥାନ କେବଳ ସେମାନଙ୍କୁ ଆବଣ୍ଟିତ କରାଯିବ ଏବଂ  ଏ-ଟାଇପ୍ ଆବାସ ଦଖଲକାରୀଙ୍କୁ ନୁହେଁ ।ହାଉସିଂ କମିଶନରଙ୍କ ଦ୍ୱାରା ଜୁନ୍ 6, 1995ରେ "ଏ" ବର୍ଗର ଆବାସ ମାଲିକଙ୍କ ଅଧିକାର ବିଷୟରେ କିଛି ସ୍ପଷ୍ଟୀକରଣ ପ୍ରଦାନ କରାଯାଇଥିବା ଏକ ଚିଠିର ବୈଧତା ଉପରେ ପ୍ରଶ୍ନ ଉଠାଇ ଏକ ଆଜ୍ଞାଦେଶ ଆବେଦନ ଦାୟର କରାଯାଇଥିଲା ଯେଉଁଥିରେ ପ୍ରାର୍ଥନା କରାଯାଇଥିଲା ଯେ ଚିଠିଟି କୌଣସି ଅଧିକାର ବିନା ଥିଲା ଏବଂ ଯଦିଓ ଉତ୍ତରଦାତାମାନେ - ପଶ୍ଚିମବଙ୍ଗ ଆବାସ ପରିଷଦ (ଏଠାରେ "ବୋର୍ଡ" ଭାବରେ ଜଣାଯିବ) ଏବଂ/ଅଥବା ସମଦୃତା ସମବାୟ ଆବାସ ସମିତି ଲିମିଟେଡ୍ (ସଂକ୍ଷେପରେ "ସମିତି") ପାର୍କିଂ ସ୍ଥାନ ବିକ୍ରୟ କିମ୍ବା ଏହା ସହିତ ଜଡିତ ଅନ୍ୟ କୌଣସି ସମସ୍ୟାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ତାହା ନିଷ୍କ୍ରିୟ ଏବଂ ଅବୈଧ ଥିଲା ।ବିଦ୍ୱାନ ଏକକ ବିଚାରପତି ପରିଷଦ /ସମିତି ଏବଂ ଏ ବର୍ଗର ଆବାସ ମାଲିକଙ୍କ ଦ୍ୱାରା ଉଠାଯାଇଥିବା ବିବାଦକୁ ଅଗ୍ରାହ୍ୟ କରି ଆବେଦନକୁ ଗ୍ରହଣ କରିଥିଲେ, ଯେଉଁମାନେ ଆଜ୍ଞାଦେଶ ଆବେଦନର ଗ୍ରହନଯୋଗ୍ୟତା ବିଷୟରେ କାର୍ଯ୍ୟାନୁଷ୍ଠାନରେ ପକ୍ଷ ଥିଲେ ଏବଂ  କିଛି ନିର୍ଦ୍ଦେଶ ଦେଇଥିଲେ ।

ଦୁଇ ଜଣିଆ ଖଣ୍ଡପୀଠ ସମ୍ମୁଖରେ ଲେଟର୍ସ ପେଟେଣ୍ଟ ଆବେଦନରେ ବିଜ୍ଞ ଏକକ ବିଚାରପତିଙ୍କ ଆଦେଶ ଉପରେ ପ୍ରଶ୍ନ ଉଠାଯାଇଥିଲା, ଯେଉଁଠାରେ ବିବାଦୀୟ ଆଦେଶ ଅନୁଯାୟୀ କୁହାଯାଇଥିଲା,ଆଜ୍ଞାଦେଶ ଆବେଦନ ଏକ ସମିତି ବିରୁଦ୍ଧରେ ଦାୟର ହେବ ନାହିଁ ଏବଂ ତେଣୁ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଆଜ୍ଞାଦେଶ ଆବେଦନ ସ୍ପଷ୍ଟ ଭାବରେ ଗ୍ରହଣଯୋଗ୍ୟ ନୁହେଁ ।

ବିଚାର ପାଇଁ ଏକମାତ୍ର ପ୍ରଶ୍ନ ଉଠିଲା ଯେ ଆଚ୍ଛାଦିତ ମୋଟର ଯାନ ରଖିବା ସ୍ଥାନ ଉଭୟ ଏ ଏବଂ  ବି ବର୍ଗର ଆବଣ୍ଟନକାରୀଙ୍କୁ କିମ୍ବା କେବଳ ବି ବର୍ଗକୁ ବିକ୍ରି କରାଯାଇପାରିବ କି । ଏହାର ବାର୍ଷିକ ସାଧାରଣ ବୈଠକରେ ଏହି ପ୍ରସଙ୍ଗରେ ବିଚାର ଏବଂ  ଆଲୋଚନା କରିବାକୁ ସମିତି ଦ୍ୱାରା 21.5.1995 ତାରିଖରେ ବିଶିଷ୍ଟ ଏକ ସୂଚନା ଜାରି କରାଯାଇଥିଲା । ଉକ୍ତ ସମିତି  ସଦସ୍ୟମାନେ ଉଭୟ ପ୍ରକାରର

ଆବଣ୍ଟନକାରୀ ଅର୍ଥାତ୍ ଏ ଏବଂ  ବି ବର୍ଗ କୁ ନେଇ ଗଠିତ । ଆଜ୍ଞାଦେଶ ଆବେଦନର ପ୍ରାର୍ଥନା ଥିଲା ଯେ ପ୍ରସ୍ତାବିତ ବୈଠକ ବିନା କୌଣସି କର୍ତ୍ତୃତ୍ୱରେ ଡକାଯାଇଥିଲା ।

ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ରାୟରେ କହିଥିଲେ ଯେ କେବଳ ସେତେବେଳେ ଏକ ପରମାଦେଶ ରହିବ ଯେତେବେଳେ ଉତ୍ତରଦାତା-ସମିତି ଉପରେ ଲାଗୁ କରାଯାଇଥିବା କର୍ତ୍ତବ୍ୟ ସାର୍ବଜନୀନ ପ୍ରକୃତିର ହେବ ଏବଂ  ଏପରି ସାର୍ବଜନୀନ କର୍ତ୍ତବ୍ୟର ଅନୁପାଳନକୁ ଲାଗୁ ପରମାଦେଶ ଜାରି କରାଯାଇପାରିବ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ଦୁଇଟି ବ୍ୟତିକ୍ରମ ହେଲା :(i) ଯଦି ଅଧିକାରଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଏକ ବ୍ୟକ୍ତିଗତ ଚରିତ୍ରର ଏବଂ  (ii) ଯେଉଁ ସଂସ୍ଥା ବିରୁଦ୍ଧରେ ଏକ ପରମାଦେଶ ଜାରି କରାଯିବାର ଅଛି, ଯଦି ତାହା ସମ୍ପୂର୍ଣ୍ଣ ଭାବେ ଏକ ଘରୋଇ ସଂସ୍ଥା, ଯାହାର କୌଣସି ସାର୍ବଜନୀନ କର୍ତ୍ତବ୍ୟ ନାହିଁ।ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହା ଉଲ୍ଲେଖ କରାଯାଇଥିଲା ଯେ, ଆଜ୍ଞାଦେଶ ଆବେଦନକାରୀମାନଙ୍କ ଦ୍ୱାରା ଦାବି କରାଯାଇଥିବା ଅଧିକାରଗୁଡିକ ସମ୍ପୂର୍ଣ୍ଣ ଭାବେ ବ୍ୟକ୍ତିଗତ ସ୍ୱଭାବର ଏବଂ ସମିତିଟି ଏକ ଘରୋଇ ସଂସ୍ଥା ଯାହାର କୌଣସି ସାର୍ବଜନୀନ କର୍ତ୍ତବ୍ୟ ନାହିଁ, ଏବଂ ଆଜ୍ଞାଦେଶ ଅଦାଲତ ବିବାଦୀୟ ଅଧିକାର ପ୍ରଶ୍ନର ତଦନ୍ତ ଆରମ୍ଭ କରିବେ ନାହିଁ ।ତଦନୁସାରେ, ଆଜ୍ଞାଦେଶ ଆବେଦନକୁ ଗ୍ରହଣଯୋଗ୍ୟ ନୁହେଁ ବୋଲି କୁହାଯାଇଥିଲା ।ଏହା ଉଲ୍ଲେଖ କରାଯାଇଥିଲା ଯେ ଆବାସ  ଆୟୁକ୍ତଙ୍କ ଚିଠି ଏକ ପ୍ରଶାସନିକ ନିର୍ଣ୍ଣୟ କି ନୁହେଁ, ଏହି ପ୍ରଶ୍ନ ବିଚାର କରିବାର ଆବଶ୍ୟକତା ନାହିଁ କାରଣ ଆଜ୍ଞାଦେଶ ଆବେଦନ ଗ୍ରହଣଯୋଗ୍ୟ ନୁହେଁ ଏବଂ  ଯେହେତୁ ସେ ତାଙ୍କ ସମ୍ମୁଖରେ କୌଣସି ବିବାଦର ବିଚାର କରିନାହାଁନ୍ତି ।

ଆବେଦନକୁ ସମର୍ଥନ କରି, ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଦର୍ଶାଇଥିଲେ ଯେ ଆଜ୍ଞାଦେଶ ଆବେଦନକାରୀମାନେ ଯେଉଁ ଅଧିକାରଗୁଡ଼ିକୁ ଲାଗୁ କରିବାକୁ ଚାହୁଁଛନ୍ତି, ତାହା ବୋର୍ଡ ଦ୍ୱାରା ପ୍ରସ୍ତୁତ ଏକ ଯୋଜନା ସହିତ ସମ୍ପର୍କିତ ଏବଂ ସେଥିପାଇଁ, ଯୋଜନାର ବ୍ୟବସ୍ଥାଗୁଡ଼ିକର ଅନୁପାଳନ ସାର୍ବଜନୀନ କର୍ତ୍ତବ୍ୟର ଭଙ୍ଗ

ବୋଲି ହୃଦୟଙ୍ଗମ ନକରି ଉଚ୍ଚ ନ୍ୟାୟାଳୟ ଏକ ବୈଷୟିକ ଦୃଷ୍ଟିକୋଣ ଗ୍ରହଣ କରିଛନ୍ତି।

ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ଅନୁଯାୟୀ ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ ରାୟ ଦେଇଛନ୍ତି ଯେ ଆଜ୍ଞାଦେଶ ଆବେଦନ ଗ୍ରହଣଯୋଗ୍ୟ ନଥିଲା ଏବଂ ଏଥିରେ ସାଧାରଣ କର୍ତ୍ତବ୍ୟର କୌଣସି ଆଭାସ ମଧ୍ୟ ନଥିଲା ।

ଆଜ୍ଞାଦେଶ ଆବେଦନର ଗ୍ରହଣଯୋଗ୍ୟତାର ମୂଳ ପ୍ରସଙ୍ଗ ଉପରେ ପ୍ରତିଦ୍ୱନ୍ଦ୍ୱୀ ପକ୍ଷ ବିଚାର କରିବାର ଆବଶ୍ୟକତା ରହିଛି, ଯଦିଓ ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ଦ୍ୱାରା ଅନ୍ୟାନ୍ୟ ଅନେକ ପ୍ରସଙ୍ଗ ଉଠାଯାଇଥିଲା ।ଏହା ନିର୍ବିବାଦିତ ଯେ ଉତ୍ତରଦାତା-ସମିତି ହେଉଛି ଏକ ସମବାୟ ସମିତି ଯାହା ଏହାର ସଦସ୍ୟମାନଙ୍କ ମଧ୍ୟରେ ଚୁକ୍ତିନାମା ଉପରେ ଗଠିତ, ଯେଉଁମାନେ ପଶ୍ଚିମବଙ୍ଗ ସମବାୟ ସମିତି ଅଧିନିୟମ 1983 ର ବ୍ୟବସ୍ଥା, ଏହା ଅଧୀନରେ ପ୍ରସ୍ତୁତ ହୋଇଥିବା ନିୟମ କିମ୍ବା ସମିତି ଦ୍ୱାରା ପ୍ରସ୍ତୁତ ଉପ-ନିୟମ ପାଳନ କରିବାକୁ ରାଜି ହୋଇଥିଲେ ।ଏହି ସମିତି ନିର୍ବିବାଦ ଭାବରେ ରାଜ୍ୟର ଏକ ବିଭାଗ ନୁହେଁ ଏବଂ  ଏହା ଏକ ବିଧାନର ସୃଷ୍ଟିକର୍ତ୍ତା ମଧ୍ୟ ନୁହେଁ ବରଂ କେବଳ ଏକ ଆଇନ ଦ୍ୱାରା ପରିଚାଳିତ । କେବଳ ଯଦି ଏହା ପ୍ରମାଣିତ ହୁଏ ଯେ ଏକ ଆଇନର ବାଧ୍ୟତାମୂଳକ ବ୍ୟବସ୍ଥା ଉଲ୍ଲଂଘନ କରାଯାଇଛି, ତେବେ ଏକ ଆଜ୍ଞାଦେଶ ଆବେଦନ ଗ୍ରହଣଯୋଗ୍ୟ ହୋଇପାରିବ । ସମ୍ପତ୍ତିର ମାଲିକାନା ଅଧିକାରର ଉଲ୍ଲଂଘନ ସମ୍ପର୍କରେ ଅଭିଯୋଗ କରିବା ପୂର୍ବରୁ, ଜଣେ ପକ୍ଷ ଏହି ସମ୍ପତ୍ତି ଉପରେ ତାଙ୍କର ଅଧିକାର ଥିବା ପ୍ରମାଣିତ କରିବା ଆବଶ୍ୟକ ଏବଂ ଯଦି ତାଙ୍କର ଅଧିକାର ବିବାଦୀୟ ଏବଂ ଆଇନଗତ ପ୍ରକ୍ରିୟାରେ ବିଚାରର ବିଷୟ ହୋଇଥାଏ, ତେବେ ସେ ଏହି ଅଧିକାର ଉପରେ ଆଧାରିତ କୌଣସି ଦାବି ଉପସ୍ଥାପନ କରିପାରିବେ ନାହିଁ ଯେପର୍ଯ୍ୟନ୍ତ ଏହି ଅନୁସନ୍ଧାନର ଫଳସ୍ୱରୂପ ସେ ତାଙ୍କର ଅଧିକାରକୁ ପ୍ରମାଣିତ କରିନାହାଁନ୍ତି । ଏହା ପରେ ହିଁ ପ୍ରଶ୍ନ ଉଠିପାରେ ଯେ ସେହି ସମ୍ପତ୍ତିରେ କିମ୍ବା ସେହି ସମ୍ପତ୍ତିର ଅଧିକାର ଅନୁଚିତ ଭାବରେ କିମ୍ବା ବେଆଇନ ଭାବରେ ଉଲ୍ଲଂଘନ ହୋଇଛି କି

ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ବିବାଦ ମୁଖ୍ୟତଃ ସାଧାରଣ ମୋଟର ଯାନ ରଖିବା ସ୍ଥାନ ସମ୍ବନ୍ଧରେ ଘରୋଇ ବ୍ୟକ୍ତିବିଶେଷଙ୍କ ଦୁଇଟି ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀର ଦାବି ସହିତ ଜଡିତ । ବିଦ୍ୱାନ ଏକକ ବିଚାରପତି କେତେକ ନିର୍ଦ୍ଦେଶ ଦେଇଥିଲେ, ଯାହା ବିକ୍ରୟ ଦସ୍ତାବିଜର ବୈଧତା ଉପରେ ମଧ୍ୟ ସ୍ପର୍ଶ କରିଥିଲା । ଏହାକୁ ଏକ ଆଜ୍ଞାଦେଶ ଆବେଦନ ରେ ବିଚାର କରିବା ପାଇଁ ଉନ୍ମୁକ୍ତ ନଥିଲା ।ଏହି ନ୍ୟାୟାଳୟଙ୍କ ଦ୍ବାରା ୟୁ. ପି. ରାଜ୍ୟ ସମବାୟ ଜମି ବିକାଶ ବ୍ୟାଙ୍କ ଲିମିଟେଡ ବନାମ.ଚନ୍ଦ୍ର ଭାନ ଦୁବେ ଏବଂ  ଅନ୍ୟମାନେ, ଏ. ଆଇ. ଆର. (1999) ଏସ୍. ସି. 753 ଏକ ସମବାୟ ସମିତି ବିରୁଦ୍ଧରେ ଏକ ଆଜ୍ଞାଦେଶ ଆବେଦନ  ରହିବ କି ଏହି ପ୍ରଶ୍ନ ସମ୍ବନ୍ଧରେ ବିଚାର କରିବାକୁ ଥିବା ପ୍ରଶ୍ନ ହେଉଛି ଏହା ଉପରେ ରଖାଯାଇଥିବା ବୈଧାନିକ କର୍ତ୍ତବ୍ୟର ପ୍ରକୃତି କ 'ଣ ଏବଂ  ନ୍ୟାୟାଳୟ ଏପରି ବୈଧାନିକ ସାର୍ବଜନୀନ କର୍ତ୍ତବ୍ୟ କାର୍ଯ୍ୟକାରୀ କରିବାକୁ ଅଛନ୍ତି  । ସଦସ୍ୟମାନଙ୍କ ଅଧିକାର ସମ୍ବନ୍ଧରେ ବାର୍ଷିକ ସାଧାରଣ ପରିଷଦ ବୈଠକରେ ଆଲୋଚନା ହେବାର ଥିଲା । ଆଜ୍ଞାଦେଶ ଆବେଦନକାରୀମାନେ ବାର୍ଷିକ ସାଧାରଣ ପରିଷଦ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ସମିତିର  ନିର୍ଣ୍ଣୟ  ଉପରେ ପ୍ରଶ୍ନ ଉଠାଇ ପାରି ନଥିଲେ । ତେଣୁ, ଆମେ ଏହି ଆବେଦନରେ କୌଣସି ଯୋଗ୍ୟତା ପାଉନାହୁଁ । ସମିତି ଏକ ସାଧାରଣ ସଭା ଡାକିବାକୁ ଏବଂ  ଅଧିକାର ସମ୍ବନ୍ଧୀୟ ପ୍ରତିଦ୍ୱନ୍ଦ୍ୱୀ ଦାବି ବିଷୟରେ ଆଲୋଚନା କରିବାକୁ ସ୍ୱାଧୀନ । ଆମେ ଏହା ସ୍ପଷ୍ଟ କରୁଛୁ ଯେ ଏହି ପ୍ରସଙ୍ଗରେ ଆମେ କୌଣସି ମତାମତ  ପ୍ରକାଶ କରିନାହୁଁ । ଆବେଦନ ବିଫଳ ହୋଇଛି, କିନ୍ତୁ ଖର୍ଚ୍ଚ ସମ୍ପର୍କରେ କୌଣସି ନିର୍ଦ୍ଦେଶ ବିନା ।

ଏଚ୍. ଏସ୍. କେ. ଏସ୍.                                    ଆବେଦନ ଖାରଜ ହୋଇଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସ୍ୱିଡିଲ୍ ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।